ଓଡିଶା ସରକାର

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

**ଅଧିସୂଚନା (Notification)**

ସଂଖ୍ୟା 11642 ଭୁବନେଶ୍ୱର, ତା 17-7-2014

09-17-12-33/13

କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଜାତୀୟ ଖାଦ୍ୟ ନିରାପତ୍ତା ଆଇନର ଧାରା 10 ଏବଂ ଉପଧାରା (1) ଅନୁଯାୟୀ ଅଗ୍ରାଧିକାର ପରିବାର (Priority Household)ଏବଂ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ଅନ୍ତର୍ଭୁକ୍ତ ପରିବାର ସମୂହକୁ ଲକ୍ଷ୍ୟଭିତ୍ତିକ ସାଧାରଣ ବଣ୍ଟନ ବ୍ୟବସ୍ଥାରେ (TPDS) ଅନ୍ତର୍ଭୁକ୍ତ କରିବା ପାଇଁ ଓଡ଼ିଶା ସରକାର ନିମ୍ନଲିଖିତ ଆଠ ଗୋଟି ବାଦ୍ ଦେବା ମାନଦଣ୍ଡ (Exclusion Criteria) ଏବଂ ପାଞ୍ଚ ଗୋଟି ଯୋଗହେବା ମାନଦଣ୍ଡ (Auto Inclusion Criteria) ଗୁଡ଼ିକୁ ଅନୁମୋଦନ କରିଛନ୍ତି | ଯେଉଁ ମାନେ ନିମ୍ନଲିଖିତ ଆଠ ଗୋଟି ବାଦ୍ ଦେବା ମାନଦଣ୍ଡ ମଧ୍ୟରୁ ଯେକୌଣସି ଏକ ଗୋଟି ମାନଦଣ୍ଡ ପୂରଣ କରୁଥିବେ ସେମାନେ ଜାତୀୟ ଖାଦ୍ୟ ନିରାପତ୍ତା ଆଇନ୍, 2013 ବଳରେ ହିତାଧିକାରୀ (ଅଗ୍ରାଧିକାର ପରିବାର) ଭାବେ ବିବେଚିତ ହେବେ ନାହିଁ |

**ଆଠ ଟି (୮) ବାଦ ଦେବା ମାନଦଣ୍ଡ**

1. ପରିବାରରେ ଯେ କୌଣସି ସଦସ୍ୟ ରେଜେଷ୍ଟ୍ରିଭୁକ୍ତ ଯାନର ମାଲିକ ହୋଇଥିବେ | ଯାନ ମଧ୍ୟରେ ତିନି ଚକିଆ (ଦୁଇ କିମ୍ବା ତତୋଽଧିକ) / ଚାରି ଚକିଆ / ଭାରୀ ଯାନ / ମାଛ ଧରା ଡଙ୍ଗା ଅର୍ନ୍ତଭୁକ୍ତ ଅଟେ |
2. ପରିବାରର ସଦସ୍ୟଙ୍କ ନାମରେ ଯନ୍ତ୍ରକୃତ (Mechanised) କୃଷି ଯନ୍ତ୍ରପାତି (ଯଥା ଟ୍ରାକ୍ଟର ଓ ହାରଭେଷ୍ଟର) ରେଜେଷ୍ଟ୍ରିଭୁକ୍ତ ହୋଇଥିବ|
3. ପରିବାରର ଯେ କୌଣସି ସଦସ୍ୟ କେନ୍ଦ୍ର ସରକାର, ରାଜ୍ୟ ସରକାର, ସରକାରୀ ନିଗମ, ସରକାରୀ ଅନୁଦାନ ପ୍ରାପ୍ତ ସ୍ୱୟଂଚାଳିତ ସଂସ୍ଥା କିମ୍ବା ପୌରପାଳିକା ସଂସ୍ଥାଙ୍କ ଦ୍ୱାରା ନିଯୁକ୍ତ ନିୟମିତ ସରକାରୀ କର୍ମଚାରୀ ହୋଇଥିବେ | ଏହା ପ୍ରୋତ୍ସାହନ (Incentive) ଏବଂ ମାନ ଦେୟ (Honorarium) ପାଉଥିବା କର୍ମଚାରୀ ମାନଙ୍କ କ୍ଷେତ୍ରରୁ ବାଦ ଦିଆଯିବ | ସହରାଞ୍ଚଳରେ ବେସରକାରୀ ସଂସ୍ଥା ମାନଙ୍କରେ କାର୍ଯ୍ୟରତ କର୍ମଚାରୀ ଯେଉଁ ମାନେ ମାସିକ ଟ.15,000/- ରୁ ଅଧିକ ବେତନ ପାଉଥିବେ | ଗ୍ରାମାଞ୍ଚଳରେ ବେସରକାରୀ ସଂସ୍ଥା ମାନଙ୍କରେ କାର୍ଯ୍ୟରତ କର୍ମଚାରୀ ଯେଉଁମାନେ ମାସିକ ଟ.10,000/- ରୁ ଅଧିକ ବେତନ ପାଉଥିବେ |
4. ଯେଉଁ ପରିବାରର ଯେ କୌଣସି ସଦସ୍ୟଙ୍କ ଉଦ୍ୟୋଗ (Enterprises) ଗୁଡ଼ିକ ସାମଗ୍ରୀ ନିର୍ମାଣ ତଥା ସେବା ପ୍ରଦାନ ନିମନ୍ତେ ଉଦ୍ଦିଷ୍ଟ ଏବଂ ସରକାରଙ୍କ ନିକଟରେ ରେଜିଷ୍ଟ୍ରି ଭୁକ୍ତ ହୋଇଥିବ |
5. ସହରାଞ୍ଚଳରେ ଥିବା ପରିବାରର କୌଣସି ସଦସ୍ୟଙ୍କ ମାସିକ ଆୟ ଟ.15,000/- ରୁ ଅଧିକ ଏବଂ ଗ୍ରାମାଞ୍ଚଳରେ ଥିବା ପରିବାରର କୌଣସି ସଦସ୍ୟଙ୍କ ମାସିକ ଆୟ ଟ.10,000/- ରୁ ଅଧିକ ହୋଇଥିବ |
6. ପରିବାରର କୌଣସି ସଦସ୍ୟ ଆୟକର କିମ୍ବା ବୃତ୍ତିକର ଦେଉଥିବେ |
7. ପରିବାରରେ ଦୁଇ (2) କିଲୋୱାଟ କିମ୍ବା ତତୁର୍ଦ୍ଧ୍ୱ ବିଦ୍ୟୁତ୍ ସଂଯୋଗ ଲୋଡ ଥିବ ଏବଂ / କିମ୍ବା ଯେଉଁ ପରିବାର ମାସିକ 300 ୟୁନିଟ୍ ରୁ ଅଧିକ ବିଦ୍ୟୁତ୍ ଶକ୍ତି ବ୍ୟବହାର କରୁଥିବେ (ବିଗତ ଏକ ବର୍ଷର ହାରାହାରି) |
8. ସହରାଞ୍ଚଳରେ ବାସ କରୁଥିବା ପରିବାରର କୌଣସି ସଦସ୍ୟ ମାସିକ ଟ.15,000/- ରୁ ଉର୍ଦ୍ଧ ପେନ୍ସନ୍ ପାଉଥିବେ କିମ୍ବା ଗ୍ରାମାଞ୍ଚଳରେ ବାସ କରୁଥିବା ପରିବାରର କୌଣସି ସଦସ୍ୟ ମାସିକ ଟ.10,000/- ରୁ ଉର୍ଦ୍ଧ୍ୱ ପେନ୍ସନ୍ ପାଉଥିବେ |

କ୍ରମଶଃ

## ପାଞ୍ଚ ଟି (5) ଟି ଯୋଗହେବା ମାନଦଣ୍ଡ

ଯେଉଁ ପରିବାର ନିମ୍ନଲିଖିତ ପାଞ୍ଚ ଗୋଟି ମାନଦଣ୍ଡ ଗୁଡ଼ିକୁ ପୂରଣ କରୁଥିବେ, ସେହି ପରିବାରକୁ ଜାତୀୟ ଖାଦ୍ୟ ନିରାପତ୍ତା ଆଇନ୍, 2013 (National Food Security Act, 2013) ଅଧୀନରେ ହିତାଧିକାରୀ (ବା ଅଗ୍ରାଧିକାର ପରିବାର) ଭାବେ ବିବେଚନା କରାଯିବ ।

1. ବାସ ହୀନ ପରିବାର ।
2. ଭିକ୍ଷା ବୃତ୍ତି କରି ଜୀବନ ନିର୍ବାହ କରୁଥିବା ପରିବାର ।
3. ସମସ୍ତ ଆଦିମ ଅଧିବାସୀ (Primitive Tribal Groups) ପରିବାର ସମୂହ ।
4. ଯେଉଁ ପରିବାରରେ କୌଣସି ସଦସ୍ୟ ରାଜ୍ୟ ବା କେନ୍ଦ୍ର ସରକାରଙ୍କ ବିଧବା ଭତ୍ତା ପାଉଥିବେ ।
5. ଯେଉଁ ପରିବାରରେ କୌଣସି ସଦସ୍ୟ ଶତକଡା 40 ଭାଗରୁ ଅଧିକ ଶାରିରୀକ ବିକଳାଙ୍ଗ ହେଇଥିବେ ।

ରାଜ୍ୟପାଳଙ୍କ ଆଦେଶ କ୍ରମେ

ମଧୁସୂଦନ ପାଢୀ 17.7.14

(ମଧୁସୂଦନ ପାଢୀ)

କମିଶନର ତଥା ଶାସନ ସଚିବ

ଜ୍ଞାପକ ସଂଖ୍ୟା 11643 ତା. 17-7-2014

ଏହାର ଏକକିତା ନକଲ ନିର୍ଦ୍ଦେଶକ, ଓଡ଼ିଶା ମୁଦ୍ରଣ ଲିଖନ ସାମଗ୍ରୀ ଏବଂ ପ୍ରକାଶନ, ଓଡିଶା, କଟକ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ଏହି ଅଧି ସୂଚନାକୁ ସ୍ୱତନ୍ତ୍ର ଓଡିଶା ରାଜପତ୍ର (Extra Ordinary Gazette) ରେ ପ୍ରକାଶ କରି ଏହାର 100 କିତା ନକଲ ଏହି ବିଭାଗର ବ୍ୟବହାର ନିମନ୍ତେ ପ୍ରେରଣ କରିବା ପାଇଁ ଅନୁରୋଧ କରାଗଲା ।

ଉପ ଶାସନ ସଚିବ 17.7.14

ଜ୍ଞାପକ ସଂଖ୍ୟା 11644 ତା. 17-7-2014

ଏହାର ଏକକିତା ନକଲ ଅନୁ ଶାସନ ସଚିବ, ଭାରତ ସରକାର, ଉପଭୋକ୍ତା ମନ୍ତ୍ରଣାଳୟ, ଖାଦ୍ୟ ଏବଂ ସାଧାରଣ ବଣ୍ଟନ, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗ, କୃଷି ଭବନ, ନୂଆଦିଲ୍ଲୀ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ଶାସନ ସଚିବ 17.7.14

ଜ୍ଞାପକ ସଂଖ୍ୟା 11645 ତା. 17-7-2014

ଏହାର ଏକକିତା ନକଲ ମହା ମହିମ ରାଜ୍ୟପାଳ ଙ୍କ ସଚିବ / ମୁଖ୍ୟ ମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ / ସମସ୍ତ ମାନ୍ୟବର ମନ୍ତ୍ରୀ ମହୋଦୟ ମାନଙ୍କ ବ୍ୟକ୍ତି ଗତ ସଚିବ / ସମସ୍ତ ମାନ୍ୟବର ରାଜ୍ୟ ମନ୍ତ୍ରୀ ମହୋଦୟ ମାନଙ୍କ ବ୍ୟକ୍ତି ଗତ ସଚିବ ମାନଙ୍କୁ ମହା ମହିମ ରାଜ୍ୟପାଳ / ମାନ୍ୟବର ମୁଖ୍ୟ ମନ୍ତ୍ରୀ / ସମସ୍ତ ମନ୍ତ୍ରୀ ମହୋଦୟ / ସମସ୍ତ ରାଜ୍ୟ ମନ୍ତ୍ରୀ ମହୋଦୟଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ଶାସନ ସଚିବ 17.7.14

କ୍ରମଶଃ